MARKETS TODAY	ପୁଞ୍ଜିବଜାର ହାଲଚାଲ
SENSEX	35260.29 +178.47 (+ 0.51%)
NIFTY	10817 + 28.45 (+ 0.26%)
ସୁନା 24K (MCX) (Rs/10g.)	29,618
ଟଙ୍କାର ବିନିମୟ ମୂଲ୍ୟ	
1 Dollar = Rs. 63.85	

ଆମେରିକା-ଭାରତ-ଇସ୍ରାଏଲ୍ ମେଣ୍ଟ ଇସଲାମ୍ ପାଇଁ ବିପଦ

ଇସଲାମାବାଦ, ୧୮/୧ (ଏଜେନ୍ସି) : ଆମେରିକା, ଭାରତ ଓ ଇସ୍ରାଏଲ୍ ମିଳିତ ଭାବେ ଯେଉଁଳି ବିକାଶକୁ ଏଜେଣ୍ଡା କରି ହାତ ମିଳାଇଛନ୍ତି ତାହା ଇସଲାମୀୟ ରାଷ୍ଟ୍ରମାନଙ୍କୁ ଭୟଭୀତ କରିଛି । ପାକିସ୍ତାନର ସିନେଟ୍ ଅଧ୍ୟକ୍ଷ ରଜା ରବାନୀ କହିଛନ୍ତି ଯେ, ଆମେରିକା-ଭାରତ-ଇସ୍ରାଏଲ୍ ମେଣ୍ଟ ଇସଲାମ ପାଇଁ ସବୁଠାରୁ ବଡ଼ ବିପଦ । ସିନେଟ୍ ସଚିବାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ୍ ବିବୃତିରେ ଏହା ଦର୍ଶାଯାଇଛି । ଇସ୍‌ଲାମୀୟ ରାଷ୍ଟ୍ରମାନଙ୍କ ସଂସଦୀୟ ସଂଘର ତ୍ରୟୋଦଶ ଅଧିବେଶନରେ ଉଦ୍‌ବୋଧନ ଦେଇ ରବାନୀ କହିଛନ୍ତି ଯେ, ଭାରତ, ଆମେରିକା ଓ ଇସ୍ରାଏଲ୍‌ର ମେଣ୍ଟକୁ ହାଲୁକା ଭାବେ ଗ୍ରହଣ କରାଯାଇପାରିବ ନାହିଁ । ପରିବର୍ତ୍ତିତ ବିଶ୍ୱ ପ୍ରେକ୍ଷାପଟରେ ଏହି ମେଣ୍ଟର ସାମ୍ନା କରିବା ପାଇଁ ଇସ୍‌ଲାମିକ୍ ରାଷ୍ଟ୍ରଗୁଡ଼ିକୁ ପ୍ରସ୍ତୁତ ରହିବାକୁ ପଡ଼ିବ । ଏହି ମେଣ୍ଟର ଟାର୍ଗେଟ୍ ଯେ କୌଣସି ଇସ୍‌ଲାମିକ ରାଷ୍ଟ୍ର ହୋଇପାରେ । ତେହେରାନ୍ ଠାରେ ଅନୁଷ୍ଠିତ ହୋଇଥିବା ଉକ୍ତ ଅଧିବେଶନରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ, ଏହି ମେଣ୍ଟର ମୁଖ୍ୟ ଟାର୍ଗେଟ୍ ଇରାନ ଓ ପାକିସ୍ତାନ । ଭବିଷ୍ୟତରେ ଉମାହା (ଇସଲାମିକ୍ ବିଶ୍ୱ)ର ଯେକୌଣସି ରାଷ୍ଟ୍ର ଏହି ମେଣ୍ଟର ଟାର୍ଗେଟ୍ ହୋଇପାରେ ବୋଲି ସେ ଚେତାବନୀ ଦେଇଛନ୍ତି । ଅତି ଚତୁରତାପୂର୍ବକ ଅଲ୍ କୁଦୁସ (ଜେରୁଜେଲମ୍)ର ଐତିହାସିକ ମାନ୍ୟତାକୁ ପରିବର୍ତ୍ତନ କରାଯାଇଛି । ଅନ୍ତରାଷ୍ଟ୍ରୀୟ ଆଇନ୍‌କାନୁନ୍‌କୁ ସେମାନେ ମାନୁନାହାନ୍ତି । ଏହାଦ୍ୱାରା ମଧ୍ୟପ୍ରାଚ୍ୟରେ ଶାନ୍ତିପ୍ରକ୍ରିୟା ଭଣ୍ଡୁର ହେବ ବୋଲି ରବାନୀ ଚେତାଇ ଦେଇଛନ୍ତି ।

ସେ କହିଛନ୍ତି ଯେ, ପାକିସ୍ତାନ ଏବେ ଆତଙ୍କବାଦର ଶୀକାର ହେଉଛି । ଆମକୁ ଅନ୍ତରାଷ୍ଟ୍ରୀୟସ୍ତରରେ ଆତଙ୍କବାଦ ବିରୁଦ୍ଧରେ ଲଢୁଥିବା ସମସ୍ତେ ଦେଖୁଛନ୍ତି । କିନ୍ତୁ ଓଲଟା ଏଥିପାଇଁ ଆମକୁ ଦାୟୀ କରାଯାଉଛି । ଏସବୁ ଇସ୍‌ଲାମିକ୍ ରାଷ୍ଟ୍ରମାନଙ୍କ ବିରୁଦ୍ଧରେ ହେଉଥିବା ଏକ ଷଡ଼ଯନ୍ତ୍ରର ପ୍ରତିଫଳନ ବୋଲି ସେ କହିଛନ୍ତି ।



ଜଣେ ଭାରତୀୟଙ୍କ ବଦଳରେ ୧୦ ପାକ୍ ଜୱାନ ମାରିବା ଉଚିତ : କ୍ୟାପଟେନ୍ ଅମରେନ୍ଦ୍ର ସିଂହ

ଅମୃତସର, ୧୮/୧ (ଏଜେନ୍ସି) : ପଞ୍ଜାବର ମୁଖ୍ୟମନ୍ତ୍ରୀ କ୍ୟାପଟେନ୍ ଅମରେନ୍ଦ୍ର ସିଂହ ଗୁରୁବାର ଭାରତୀୟ ସେନାର ସୁରକ୍ଷା ନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ଜଣେ ମୁଖ୍ୟମନ୍ତ୍ରୀ ହୋଇଥିଲେ ମଧ୍ୟ ସେ ପ୍ରଥମେ ଜଣେ ଜୱାନ । ୧୯୬୫ ଭାରତ-ପାକ୍ ଯୁଦ୍ଧରେ ସେ ସାମିଲ୍ ହୋଇଥିଲେ । ତେଣୁ ଯୁଦ୍ଧ କ'ଣ ଓ ଦିନରାତି ହାତରେ ବନ୍ଧୁକ ଧରି ଶତ୍ରୁକୁ ଜଗି ରହୁଥିବା ଜଣେ ସୈନିକର ମାନସିକତା କ'ଣ ବୁଝିଥିବା କ୍ୟାପଟେନ୍ ଅମରେନ୍ଦ୍ର ସିଂହ କହିଛନ୍ତି ଯେ, ଆମର ଜୱାନଙ୍କ ଜୀବନ ଅମୂଲ୍ୟ । ଆମ ଜୱାନମାନଙ୍କୁ ଯଦି ପାକିସ୍ତାନର ଅନୁପ୍ରବେଶକାରୀ କିମ୍ବା ଅସ୍ତ୍ରଉଲ୍ଲଂଘନ ହେତୁ ସହିଦ ହେବାକୁ ପଡୁଛି ତେବେ ପ୍ରତିବଦଳରେ ପାକିସ୍ତାନର ୧୦ ଜୱାନଙ୍କୁ ମାରିବା ଉଚିତ । ସୀମାନ୍ତରେ ଅସ୍ତ୍ରବିରତି ଉଲ୍ଲଂଘନରେ ପାକିସ୍ତାନକୁ ଶକ୍ତ ଜବାବ ନେଇ ସେନାର ପଦକ୍ଷେପକୁ ପ୍ରଶଂସା କରି ସେ ଏଭଳି ମନ୍ତବ୍ୟ ଦେଇଛନ୍ତି ।

ତୋଗାଡିଆଙ୍କ ମନ୍ତବ୍ୟକୁ ନେଇ ମୋଦି ଓ ଶାହାଙ୍କୁ ଟାର୍ଗେଟ୍ କଲା ଶିବସେନା

ମୁମ୍ବାଇ, ୧୮/୧ (ଏଜେନ୍ସି) : ବିଶ୍ୱ ହିନ୍ଦୁ ପରିଷଦର ମୁଖ୍ୟ ପ୍ରବୀଣ ତୋଗାଡିଆ ଗତ ୨ ଦିନ ତଳେ ଯେଉଁ ଗମ୍ଭୀର ଅଭିଯୋଗ ଆଣିଥିଲେ । ସେଥିନେଇ ଶିବସେନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଜେପି ସଭାପତି ଅମିତ ଶାହାଙ୍କୁ ଟାର୍ଗେଟ୍ କରିଛି । ଏହାର ମୁଖପତ୍ର 'ସାମନା'ର ସମ୍ପାଦକୀୟରେ ମୋଦି ଓ ଶାହା ତୋଗଡ଼ିଆଙ୍କ ପ୍ରଶ୍ନର ସ୍ୱଷ୍ଟୀକରଣ ଦିଅନ୍ତୁ ବୋଲି ଆହ୍ୱାନ ଦିଆଯାଇଛି । ପ୍ରକାଶଯୋଗ୍ୟ ଯେ, ତୋଗଡ଼ିଆ ପରୋକ୍ଷରେ ପ୍ରଧାନମନ୍ତ୍ରୀ ମୋଦି ଓ ଶାହାଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଥିଲେ ଯେ, ତାଙ୍କୁ ଏନକାଉଣ୍ଟରରେ ମାରିଦେବାକୁ ଷଡ଼ଯନ୍ତ୍ର କରାଯାଇଥିଲା ।

ଚୀନ ବିରୁଦ୍ଧରେ ଆମେରିକାର ବାଣିଜ୍ୟିକ ଯୁଦ୍ଧ

ବୌଦ୍ଧିକ ସମ୍ପତ୍ତି ଚୋରି ପାଇଁ ବଡ ଜୋରିମାନା



ୱାଶିଂଟନ, ୧୮/୧ (ଏଜେନ୍ସି) : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ ବିରୁଦ୍ଧରେ ବାଣିଜ୍ୟିକ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛନ୍ତି । ବୁଧବାର ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଟ୍ରମ୍ପ ଓ ତାଙ୍କ ଅର୍ଥନୈତିକ ଉପଦେଷ୍ଟା ଗ୍ୟାରି କମ୍ କହିଛନ୍ତି ଯେ, ଚୀନ ଆମେରିକାର ବୌଦ୍ଧିକ ସମ୍ପତ୍ତି ଚୋରି କରି ସବୁଠାରୁ ବଡ଼ କ୍ଷତି କରୁଛି । ତେଣୁ ଏଭଳି କ୍ଷେତ୍ରରେ ବଡ଼ ପରିମାଣର ଜୋରିମାନା ଆଦାୟ କରିବାକୁ ଆଇନ୍ ତିଆରି ହେବ । ଏଥିନେଇ ଟ୍ରମ୍ପ ପ୍ରଶାସନ ବିଭିନ୍ନ ପ୍ରସଙ୍ଗ ଉପରେ ତର୍ଜମା ଆରମ୍ଭ କରିଛନ୍ତି । ଆମେରିକାର ବାଣିଜ୍ୟିକ ପ୍ରତିନିଧିମାନେ ସେମାନଙ୍କ ପରାମର୍ଶ ଦେବାପରେ ଏ ସଂକ୍ରାନ୍ତୀୟ ବିଲ୍ ପ୍ରସ୍ତୁତ ହେବ । ଯଦି ଏହି ବିଲ୍ ଲାଗୁ ହୁଏ ତେବେ ଚୀନ୍‌ର ଆଇଟି କମ୍ପାନୀଗୁଡ଼ିକ ଦେବାଳିଆ ହୋଇଯିବେ । ଚୀନ୍‌ର କ୍ୟାପିଟାଲ୍ ଗୁଡସ, ଇଲେକଟ୍ରୋନିକ୍ସ ଓ ସଫ୍ଟୱେୟାର କମ୍ପାନୀଗୁଡ଼ିକ ଆମେରିକୀୟ କମ୍ପାନୀମାନଙ୍କ ପ୍ରଯୁକ୍ତି କୌଶଳକୁ ନକଲ କରି ତାହାର ବାଣିଜ୍ୟିକ ଫାଇଦା ଉଠାଉଛନ୍ତି ଯାହାଦ୍ୱାରା ଆମେରିକାକୁ ଶହ ଶହ ବିଲିୟନ ଡଲାର ବାର୍ଷିକ କ୍ଷତି ସହିବାକୁ ପଡୁଛି ବୋଲି ଅର୍ଥନୈତିକ ଉପଦେଷ୍ଟା ଗ୍ୟାରି କମ୍ କହିଛନ୍ତି ।

ଡୋକଲାମ୍ ପ୍ରସଙ୍ଗରେ ମୋଦି ଓ ସ୍ୱରାଜ ଦେଶବାସୀଙ୍କୁ ବିଭ୍ରାନ୍ତ କରିଛନ୍ତି : କଂଗ୍ରେସ



ନୂଆଦିଲ୍ଲୀ, ୧୮/୧ (ଏଜେନ୍ସି) : କଂଗ୍ରେସ ପ୍ରବକ୍ତା ରଣଦୀପ ସିଂହ ସୁରେଓ୍ୱାଲା ଗଣମାଧ୍ୟମକୁ ବିବୃତି ଦେଇ କହିଛନ୍ତି ଯେ, ସାଟେଲାଇଟ୍ ଛବିରୁ ଦେଖିବାକୁ ମିଳୁଛି ଯେ ଭାରତୀୟ ସୀମା ଠାରୁ ଅନତିଦୂରରେ ଡୋକଲାମ୍‌ରେ ଚୀନ ଏକାଧିକ ସେନାଘାଟୀ ନିର୍ମାଣ କରିଛି । ଅଥଚ ଦେଶବାସୀଙ୍କୁ ବିଭ୍ରାନ୍ତ କରାଗଲା ଯେ, ଚୀନ୍‌ର ସୈନ୍ୟମାନେ ଡୋକଲାମ୍ ଛାଡ଼ି ପଳାଇଛନ୍ତି । ଡୋକଲାମ୍‌ରେ ଏବେ ବି ଚୀନର ସୈନ୍ୟମାନେ ଆଡ୍ଡା ଜମାଇ ରହିଛନ୍ତି । କେବଳ ସେତିକି ନୁହେଁ ୭ଟି ହେଲିପ୍ୟାଡ୍, ଗୋଟିଏ ୨ ମହଲା ବିଶିଷ୍ଟ ନିରୀକ୍ଷଣ ଟାୱାର ଓ ଏକାଧିକ ସାମରିକ ଘାଟି ଚୀନ ଡୋକଲାମ୍ ଉପତ୍ୟକାରେ ନିର୍ମାଣ କରିସାରିଛି । କିନ୍ତୁ କେନ୍ଦ୍ର ସରକାର ଦେଶବାସୀଙ୍କୁ ଭୁଆଁ ବୁଲାଇଲେ ଯେ, ଡୋକଲାମ୍‌ରୁ ଚୀନର ସୈନ୍ୟମାନେ ପଳାଇଛନ୍ତି ଓ ଏହି ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ହୋଇଯାଇଛି । କିନ୍ତୁ ଏବେ ଚୀନ ଡୋକଲାମ-୨ ପାଇଁ ପ୍ରସ୍ତୁତ ହେଉଥିବାବେଳେ ଏଥିନେଇ କେନ୍ଦ୍ରସରକାର ଜବାବ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି ।

ସେ କହିଛନ୍ତି ଯେ, ୨୦୧୬ରେ ପିଏଲ୍ଏ ଭାରତର ସୀମା ମଧ୍ୟକୁ ୨୭୧ ଥର ଧସେଇ ପଶିଥିଲା । ୨୦୧୭ରେ ଏହି ଅତିକ୍ରମଣ ସଂଖ୍ୟା ୪୧୫କୁ ଛୁଇଁଥିଲା । ଏହାସତ୍ତ୍ୱେ ସେନାମୁଖ୍ୟ ରାଓ୍ୱତ, ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡୋକଲାମ୍‌ରେ ସବୁ ସମାଧାନ ହୋଇଯାଇଥିବା ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି । ଗତ ବର୍ଷ ଜୁନ ୧୬ ତାରିଖରୁ ଡୋକଲାମ ଠାରୁ ଅନତୀ ଦୂରରେ ଚୀନର ଲିବରେସନ୍ ଆର୍ମି ଏକ ସବୁଦିନିଆ ରାସ୍ତା ନିର୍ମାଣ କରୁଥିବାରୁ ଭାରତ ଓ ଚୀନ ସେନା ମୁହାଁ ମୁହିଁ ହୋଇଥିଲେ । ଭାରତ ଉକ୍ତ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଥିଲା । ଏହାପରେ ଗତ ଅଗଷ୍ଟ ୨୮ ତାରିଖରେ ଚୀନ ସେନା ନିର୍ମାଣ କାର୍ଯ୍ୟ ବନ୍ଦ କରିବାରୁ ସ୍ଥିତି ସାମାନ୍ୟ ଥଣ୍ଡା ପଡିଥିଲା । ହେଲେ ଏବେ ଚୀନ ସେଠାରେ ୧୫୦୦ରୁ ଅଧିକ ସୈନ୍ୟ ଠୁଳ କରିଥିବା ଜଣାପଡିଛି । କେବଳ ସେତିକି ନୁହେଁ ରାସ୍ତା ନୁହେଁ ବରଂ ପୂରା ସାମରିକ ଛାଉଣୀ ଓ ଭିତିଭୂମି ନିର୍ମାଣ କରିସାରିଛି ବୋଲଇ ସାଟେଲାଇଟ ଛବିରୁ ପ୍ରମାଣିତ ହୋଇଛି ।

ପ୍ରଥମ ଶ୍ରେଣୀ ଛାତ୍ରକୁ ଛାତ୍ରୀଙ୍କ ଛୁରାମାଡ

BRIGHTLAND SCHOOL
BRIGHTLAND

ଲକ୍ଷ୍ନୌ, ୧୮/୧ (ଏଜେନ୍ସି) : ଦିଲ୍ଲୀର ରିଆନ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଜଣେ ୨ୟ ଶ୍ରେଣୀର ଛାତ୍ରଙ୍କୁ ଜଣେ ଏକାଦଶ ଶ୍ରେଣୀର ଛାତ୍ର ତଣ୍ଟିକାଟି ହତ୍ୟା କରିବା ଘଟଣା ଲୋକଙ୍କ ମନରୁ ନ ଲିଭିଥିବାବେଳେ ଏବେ ଲକ୍ଷ୍ନୌରେ ଅନୁରୂପ ଏକ ଘଟଣା ଲୋକମାନଙ୍କୁ ବିଚଳିତ କରିଛି । ଏଥର ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ସେହି ସ୍କୁଲ୍‌ର ଉପର କ୍ଲାସରେ ପଢୁଥିବା ଜଣେ ଛାତ୍ରୀ ଛୁରୀ ଭୁସି ଗୁରୁତର କରି ପକାଇଛି । ଲକ୍ଷ୍ନୌର କିଙ୍ଗସ ଜର୍ଜ ମେଡିକାଲ୍ ୟୁନିଭର୍ସିଟିରେ ଉକ୍ତ ପିଲାଟି ଏବେ ଚିକିତ୍ସାଧୀନ ଅଛି । ତ୍ରିବେଣୀ ନଗରରେ ଥିବା ବ୍ରାଇଟ୍ ଲ୍ୟାଣ୍ଡ ଇଣ୍ଟର କଲେଜ ସ୍କୁଲ୍‌ରେ ଗତ ମଙ୍ଗଳବାର ଏହି ଘଟଣା ଘଟିଥିଲା । ବୁଧବାର ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଛୋଟ ପିଲାଟି ପୋଲିସ ନିକଟରେ କେବଳ ଏତିକି କହିଛି ଯେ, ସ୍କୁଲ୍‌ର ଜଣେ ଉପର କ୍ଲାସର ଦିଦି ତାକୁ ଛୁରାମାଡ଼ କରିଥିଲେ । ସ୍କୁଲ୍ କିଭଳି ଜଲଦି ଛୁଟି ହୋଇଯାଉ ସେଥିପାଇଁ ଟଏଲେଟ୍ ମଧ୍ୟରେ ତା' ସହିତ ଦେଖାହେବା ପରେ ଉକ୍ତ ଛାତ୍ରୀଜଣକ ତାକୁ ଛୁରା ଭୁଷି ଦେଇଥିଲେ । ୬ଷ୍ଠ ଶ୍ରେଣୀରେ ପଢୁଥିବା ଉକ୍ତ ବାରବର୍ଷର ଛାତ୍ରୀକୁ ପୋଲିସ ଏବେ ଅଟକ ରଖି ପଚରାଉଚୁରା କରୁଛି । ଏବେ ଟ୍ରମାରେ ଭର୍ତ୍ତି ହୋଇଥିବା ଉକ୍ତ ପୀଡ଼ିତ ଛାତ୍ରକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଭେଟିବାକୁ ଯାଇଥିଲେ । ପିଲାଟିର ନାମ ରତିକ ଶର୍ମା । ତା'ର ଛାତି ଓ ଉପର ପେଟକୁ ଛାତ୍ରୀଜଣକ ବାରମ୍ବାର ଛୁରୀରେ ଆଘାତ କରି ଆଗପଟୁ ଟଏଲଟ୍‌ର ଦୁଆର ବନ୍ଦ କରି ପଳାଇ ଆସିଥିଲା । ପିଲାଟି ଭୟଙ୍କର ଚିତ୍କାର କରିବାରୁ ସ୍କୁଲ୍‌ର ଜଣେ ଶିକ୍ଷକ ଅମିତ ସିଂହ ଚୌହାନ ସେଠାରେ ପହଞ୍ଚ କବାଟ ଖୋଲିଲାବେଳକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପିଲାଟି ଛଟପଟ ହେଉଥିଲା । ଉକ୍ତ ଛାତ୍ରୀଜଣକ ବାଥରୁମ୍ ବାହାରେ ରତିକକୁ ଭେଟିଥିଲା ଓ ତାକୁ ବାଥରୁମ୍ ଭିତରକୁ ନେଇ ଠୋ ଠୋ ଚଟକଣି ମାରିବା ପରେ ଅଣ୍ଟାରୁ ଛୁରୀ ବାହାର କରି ଭୁଷି ଦେଇଥିଲା । ଏହି ଘଟଣାର ପୋଲିସ ସ୍କୁଲ୍‌ର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି । ଅଭିଯୁକ୍ତା ଛାତ୍ରୀଟି କେଉଁ ପରିସ୍ଥିତିରେ ଏଭଳି ମାନସିକତାର ଶୀକାର ହୋଇଛି ତାହାର ମଧ୍ୟ ଅନୁଧ୍ୟାନ କରାଯାଉଛି ।

ମଦ୍ରାସାଗୁଡିକୁ ବନ୍ଦ କରିଦେବା ସମସ୍ୟାର ସମାଧାନ ନୁହେଁ : ଯୋଗୀ

ନୂଆଦିଲ୍ଲୀ, ୧୮/୧ (ଏଜେନ୍ସି) : କିଛିଦିନ ତଳେ ସିହା ୱାକଫ୍ ବୋର୍ଡର ଅଧ୍ୟକ୍ଷ କେନ୍ଦ୍ର ସରକାରଙ୍କୁ ପତ୍ରଲେଖି ଦର୍ଶାଇଥିଲେ ଯେ, ମଦ୍ରାସାଗୁଡ଼ିକରେ ଆତଙ୍କବାଦ ସୃଷ୍ଟି କରାଯାଉଛି । କେବଳ ମୌଳବାଦ ଓ ଧାର୍ମିକ ଉନ୍ମାଦ ଛଡ଼ା ଏଗୁଡ଼ିକରେ ଆଉ କିଛି ଶିକ୍ଷା ଦିଆଯାଉ ନାହିଁ । ତେଣୁ ଏଗୁଡ଼ିକୁ ବନ୍ଦ କରିଦେବା ପାଇଁ ସେ ପରାମର୍ଶ ଦେଇଥିଲେ । ଏହି ପ୍ରସଙ୍ଗରେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ, ମଦ୍ରାସାଗୁଡ଼ିକୁ ବନ୍ଦ କରିଦେବା ହିଁ କେବଳ ସମସ୍ୟାର ସମାଧାନ ନୁହେଁ । ଏଗୁଡ଼ିକର ଆଧୁନିକୀକରଣ ଓ ପାଠ୍ୟଖସଡ଼ା ତଥା ପାଠ୍ୟକ୍ରମରେ ଆଧୁନିକ ଶିକ୍ଷା ସାମିଲ୍ କରିବା ଦ୍ୱାରା ସମସ୍ୟାର ସମାଧାନ ହୋଇପାରେ । ଏହି ପରିପ୍ରେକ୍ଷୀରେ କେବଳ ସଂସ୍କୃତ ଶିକ୍ଷା ଦିଆଯାଉଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ମଧ୍ୟ ପରାମର୍ଶ ଦେଇ କହିଛନ୍ତି ଯେ, ଏଗୁଡ଼ିକରେ ଇଂରାଜୀ, କମ୍ପ୍ୟୁଟର, ଗଣିତ ଓ ବିଜ୍ଞାନ ପଢ଼ାଯିବା ଉଚିତ । ସଂସ୍କୃତକୁ ପ୍ରାଧାନ୍ୟ ଦିଆଯାଇପାରେ; କିନ୍ତୁ ଏଠାରେ ପଢୁଥିବା ପିଲାମାନଙ୍କୁ ଆଧୁନିକ ସମାଜର ଆହ୍ୱାନର ସାମ୍ନା କରିବା ପାଇଁ ଯୋଗ୍ୟ କରିବା ନିମନ୍ତେ ଏଭଳି ଶିକ୍ଷାର ଆବଶ୍ୟକତା ରହିଛି ବୋଲି ସେ ଦର୍ଶାଇଛନ୍ତି ।

ଜାତୀୟ ସାହସିକତା ପାଇଁ ୧୮ ଶିଶୁ ମନୋନୀତ

ନୂଆଦିଲ୍ଲୀ, ୧୮/୧ (ଏଜେନ୍ସି) : ଜାତୀୟ ସାହସିକତା ପୁରସ୍କାର ୨୦୧୭ ପାଇଁ ୧୮ ଜଣ ଶିଶୁ ମନୋନୀତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୭ ଜଣ ଝିଅ ଅଛନ୍ତି । ୩ ଜଣଙ୍କୁ ମରଣୋତ୍ତର ଭାବେ ଏହି ପୁରସ୍କାର ପ୍ରଦାନ କରାଯିବ । ଉତ୍ତରପ୍ରଦେଶର ୧୬ ବର୍ଷୀୟା ନାଜିଆଙ୍କୁ 'ଭରତ ପୁରସ୍କାର' ପ୍ରଦାନ କରାଯିବ । ବେଆଇନ୍ ଭାବେ ଜୁଆଆଡ୍ଡା ଚଳାଉଥିବା ଗ୍ୟାଙ୍ଗକୁ ସେ ପୋଲିସ ହାତରେ ଧରାଇ ଦେଇଥିଲେ । ବୁଡ଼ିଯାଉଥିବାବେଳେ ୨ ଜଣ ଶିଶୁଙ୍କୁ ଉଦ୍ଧାର କରିଥିବା ୧୬ ବର୍ଷୀୟ ନେତ ରାଓ୍ୱଡି ଏମ୍ ଚଭନଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ଗୀତା ଚୋପ୍ରା ପୁରସ୍କାର ଦିଆଯିବ । ସେହିପରି ଅସାଧାରଣ ସାହସିକତା ପ୍ରଦର୍ଶନ ପାଇଁ ୧୫ ଜଣ ସ୍କୁଲ୍ ପିଲାଙ୍କ ଜୀବନ ରକ୍ଷା କରିଥିବା ପଞ୍ଜାବର ୧୬ ବର୍ଷୀୟ କରନବୀର ସିଂହଙ୍କୁ ସଞ୍ଜୟ ଚୋପ୍ରା ପୁରସ୍କାର ପ୍ରଦାନ କରାଯିବ । ଚଳିତ ମାସ ୨୪ ତାରିଖରେ ଏହି ପିଲାମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ପୁରସ୍କାର ଗ୍ରହଣ କରିବେ । ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ପିଲାମାନଙ୍କ ସମ୍ମାନାର୍ଥେ ଏକ ଭୋଜିର ଆୟୋଜନ କରିବେ । ଏହି ସାହସୀ ପିଲାଙ୍କ ମଧ୍ୟରେ ଓଡିଶାର କେନ୍ଦୁଝରର ଢ଼ିପ ସାହିର ପଙ୍କଜ ମହାନ୍ତ ଓ କେନ୍ଦ୍ରାପଡାର ରାଜନଗରର ଅଶାନ୍ତି ଦଳାଇ ସାମିଲ ଅଛନ୍ତି । ଅଶାନ୍ତି କୁମ୍ଭୀର ମୁହଁରୁ ତାଙ୍କ ଭଉଣୀଙ୍କୁ ବଞ୍ଚାଇଥିବା ବେଳେ ପଙ୍କଜ ନଈ ବଢ଼ି ସମୟରେ ଭାସିଯାଉଥିବା ୨ଜଣ ମହିଳାଙ୍କୁ ବଞ୍ଚାଇଥିଲେ ।

ବିଜେପିର ବାଇକ୍‌କୁ କଂଗ୍ରେସର ସ୍ମାର୍ଟଫୋନ୍

କର୍ଣ୍ଣାଟକ, ୧୮/୧ (ଏଜେନ୍ସି) : କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପାଇଁ ଏବେ ଠାରୁ ୨ ରାଷ୍ଟ୍ରୀୟ ଦଳ ବିଜେପି ଓ କଂଗ୍ରେସ ପ୍ରସ୍ତୁତ ହେଲେଣି । ବିଜେପିର ନେତାମାନେ କର୍ମୀମାନଙ୍କୁ ଏଥର ବାଇକ୍ ଉପହାର ଦେବାକୁ ପ୍ରସ୍ତୁତ ହେଉଛନ୍ତି । ତେଣୁ ବହୁ ସଂଖ୍ୟାରେ ବାଇକ୍ ବୁକ୍ କରୁଛନ୍ତି ବିଜେପି ନେତାମାନେ । ସେପଟେ କଂଗ୍ରେସ ଆଶାୟୀ ପ୍ରାର୍ଥୀମାନେ ଭୋଟରମାନଙ୍କୁ ସ୍ମାର୍ଟଫୋନ୍ ଦେବାପାଇଁ ପ୍ରଚୁର ପରିମାଣର ସ୍ମାର୍ଟଫୋନ୍ ସଂଗ୍ରହ କରୁଛନ୍ତି । ଇତିମଧ୍ୟରେ କେତେକ ନିବାଚନ ମଣ୍ଡଳୀରେ ଭୋଟରମାନଙ୍କୁ ୩ ହଜାର ଟଙ୍କା ଲେଖାଏଁ ବଣ୍ଟାଯାଉଥିବା ରିପୋର୍ଟ ମିଳିଛି । ତେବେ ଟଙ୍କା ଗ୍ରହଣ କରୁଥିବା ଲୋକମାନେ କହୁଛନ୍ତି ଏହା ନିର୍ବାଚନ ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ଦଳୀୟ କାମ ପାଇଁ ଏହି ଟଙ୍କା ଆମକୁ ମିଳିଛି ।

ରାଜନୀତିରେ ପ୍ରବେଶ ପାଇଁ କମଲ ହାସନଙ୍କ ପ୍ରସ୍ତୁତି, ଖେଳିଲେ ଆଞ୍ଚଳିକ କାର୍ଡ

ମାଡ୍ରାସ, ୧୮/୧ (ଏଜେନ୍ସି) : ଚଳଚ୍ଚିତ୍ର ଅଭିନେତା କମଲ ହାସନ ତାମିଲ ସୁପରହିରୋ ରଜନୀକାନ୍ତଙ୍କ ରାସ୍ତାରେ ଯିବା ପାଇଁ ପାଦ କାଢ଼ିଛନ୍ତି । ଆସନ୍ତା ୨୪ ତାରିଖରେ ୬୩ ବର୍ଷୀୟ କମଲ ହାସନ ହୁଏତ ତାଙ୍କର ନୂଆ ରାଜନୈତିକ ଦଳ ଘୋଷଣା କରିପାରନ୍ତି । ତେବେ ଏଥିପୂର୍ବରୁ ଆସନ୍ତା ୨୧ ତାରିଖରେ ରଜନୀକାନ୍ତ ତାଙ୍କ ନୂଆ ରାଜନୈତିକ ଦଳର ନାମ ଓ ଏଜେଣ୍ଡା ଘୋଷଣା କରିବେ । ଦକ୍ଷିଣ ଭାରତରେ ବିଶେଷ କରି ତାମିଲନାଡୁରେ ଚଳଚ୍ଚିତ୍ର କଳାକାରମାନଙ୍କ ଲୋକଙ୍କ ଉପରେ ଅଧିକ ପ୍ରଭାବ ଥାଏ । ଏହି ଦୁର୍ବଳତାର ଫାଇଦା ଉଠାଇବା ପାଇଁ ଚଳଚ୍ଚିତ୍ର ଜଗତରୁ ଏକାଧିକ ଲୋକ ରାଜନୀତି ମୈଦାନରେ ଏଠାରୁ ଓହ୍ଲାଇଥାନ୍ତି । ତେବେ ରାଜନୀତିରେ ସଫଳ ହେବା ସମସ୍ତଙ୍କ ପାଇଁ ସହଜ ହୋଇନଥାଏ । କିନ୍ତୁ ଏହାକୁ ସହଜ କରିବା ପାଇଁ କିଛି ଲୋକ ସୁବିଧାବାଦୀ ସର୍ଟକଟ୍ ରାସ୍ତା ଆପଣାଇଥା'ନ୍ତି । ଏବେ ଏହି ଫର୍ମୁଲାକୁ ଆପଣାଇ କମଲହାସନ ଆଞ୍ଚଳିକବାଦର କାର୍ଡ ଖେଳିଛନ୍ତି । ଆସନ୍ତା ମାସ ୨୧ ତାରିଖରେ ରାମନାଥପୁରମ୍ ଜିଲ୍ଲାରେ ଥିବା ଏପିଜେ ଅବଦୁଲ୍ କଲାମଙ୍କ ବାସଭବନରୁ ସେ ରାଜ୍ୟବ୍ୟାପି ଯାତ୍ରା ଆରମ୍ଭ କରିବେ । ତେବେ ଏଥିପୂର୍ବରୁ ତାଙ୍କ ପ୍ରଶଂସକମାନେ ତାଙ୍କୁ ଉଲାଗାନାୟାଗନ (ବିଶ୍ୱନେତା)ର ଆଖ୍ୟା ଦେଇଛନ୍ତି । କମଲ ହାସାନଙ୍କ ରାଜନୈତିକ ଉଦ୍ଦେଶ୍ୟ କିଛି ସ୍ପଷ୍ଟ ଜଣାପଡୁନାହିଁ । କାରଣ ନିକଟରେ ସେ ଏକ ପତ୍ରିକାକୁ ସାକ୍ଷାତକାର ଦେଇ କହିଥିଲେ ଯେ, ତାମିଲନାଡୁ ଅଧିକ ଟିକସ ଦେଉଛି । କେନ୍ଦ୍ର ସରକାର ଏହି ଟିକସକୁ ନେଇ ଉତ୍ତର ଭାରତର ରାଜ୍ୟଗୁଡ଼ିକର ବିକାଶ ପାଇଁ ଲଗାଉଛନ୍ତି । ଏଥିରେ ସେ ଦର୍ଶାଇଥିଲେ ଯେ, ଦେଶର ଶାସନ ବ୍ୟବସ୍ଥା ଏକ ପରିବାର ଭଳି ହେବା ଉଚିତ । ଯେଉଁଠାରେ ସମସ୍ତଙ୍କୁ ନ୍ୟାୟ ମିଳିବା ଦରକାର । ହେଲେ ଜଣେ ଭାଇ ରୋଜଗାର କରିବ ଓ ଅନ୍ୟଜଣେ କାମଧନ୍ଦା ନକରି କାମ କରୁଥିବା ଭାଇକୁ ବୋକା ବନାଇ ତା' ଟଙ୍କାରେ ଅଏସ୍ କରିବା ଠିକ୍ ନୁହେଁ । ଏଣୁ ସେ କହିଛନ୍ତି ଯେ, ଦାକ୍ଷିଣାତ୍ୟର ସବୁ ରାଜ୍ୟ ଏକଜୁଟ୍ ହୋଇ ଦିଲ୍ଲୀରେ ନିଜର

ସେ କହିଛନ୍ତି ଯେ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ କେରଳର ଲୋକମାନେ ଦ୍ରାବିଡ । ସେମାନେ ନିଜର ଏହି ଦ୍ରାବିଡ ସଂସ୍କୃତିକୁ ନେଇ ଗର୍ବ କରିବା ଉଚିତ ଓ ଏକତ୍ରିତ ଭାବେ ସ୍ୱର ଉତ୍ତୋଳନ କରିବା ଉଚିତ । ଦାକ୍ଷିଣାତ୍ୟର ଲୋକଙ୍କୁ ସେ ଆହ୍ୱାନ ଦେଇ କହିଛନ୍ତି ଯେ, ଆମେ ଏକଜୁଟ୍ ହେଲେ କେନ୍ଦ୍ରର ସରକାରକୁ ନଚାଇ ପାରିବୁ । ଦିଲ୍ଲୀ କ୍ଷମତାକୁ ନିୟନ୍ତ୍ରଣ କରିପାରିବୁ । ସ୍ୱର ଉତ୍ତୋଳନ କରନ୍ତୁ । ନିଜକୁ ସେ ମହାଦେବ ଭାବେ ମନେ କରୁଥିବା ଦର୍ଶାଇ କହିଛନ୍ତି ଯେ, ଦକ୍ଷିଣ ଭାରତର ଶିବ ଭାବେ ମୋତେ ଉପସ୍ଥାପନା କରାଯାଏ । ଏଥିରେ ଲାଜ କରିବାର କିଛି ନାହିଁ । ଦ୍ରାବିଡ ସଂସ୍କୃତି ହେଉଛି ଶିବଙ୍କ ଠାରୁ ଉତ୍ପନ୍ନ ଏବଂ ଏହା ଆମର ପରିଚୟ । ଏବେ ଦାକ୍ଷିଣାତ୍ୟକୁ ନେଇ ଆମେ ଗର୍ବ କରିବୁ ଏହାର ଲଢ଼େଇ କରିବୁ ବୋଲି ସେ କହିଛନ୍ତି ।

କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ଭୂତଳ ଗୃହ ଠାବ

ବାରାଣସୀ, ୧୮/୧ (ଏଜେନ୍ସି) : ଏଠାରେ ଥିବା କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ଅବୈଧ ଭାବେ କିଛି ଲୋକ ଭୂମି ତଳେ ଏକ ସପିଂକମ୍ପ୍ଲେକ୍ସ ନିର୍ମାଣ କରିଛନ୍ତି । ଏହି ସମ୍ପର୍କରେ ସ୍ଥାନୀୟ ପ୍ରଶାସନ, ପୋଲିସ କିମ୍ବା ଲୋକଙ୍କୁ ମଧ୍ୟ ଜଣାନଥିଲା । ଅତ୍ୟନ୍ତ ସମ୍ବେଦନଶୀଳ କ୍ଷେତ୍ରରେ ଏହା ନିର୍ମାଣ କରାଯାଇଛି । ଦାଲ୍‌ମଣ୍ଡି ଅଞ୍ଚଳରେ ମନ୍ଦିରର ଲୋହିତ ଜୋନ୍ ଠାରୁ ମାତ୍ର ୫୦ ମିଟର ଦୂରରେ ଭୂମିତଳେ ପ୍ରାୟ ୮ ହଜାର ବର୍ଗଫୁଟ ପରିମିତ ଅଞ୍ଚଳର ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସରିଥିଲେ ମଧ୍ୟ ଏହାର ଫିନିସିଙ୍ଗ୍ ହୋଇନାହିଁ । ମଙ୍ଗଳବାର ସ୍ଥାନୀୟ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଭୂମି ତଳେ ଥିବା ଏକ କଣାରୁ ଲାଇଟ୍ ଦେଖି ଆଶ୍ଚର୍ଯ୍ୟ ହୋଇଥିଲା । ସେଠାରୁ ଅନୁଧ୍ୟାନ କରିବାରୁ ଜଣାପଡ଼ିଲା ତଳେ କାମ ଚାଲିଛି । ଏଭଳିକି ଅନତିଦୂରରୁ ଏହି ମାର୍କେଟ୍ କମ୍ପ୍ଲେକ୍ସକୁ ଆସିବା ପାଇଁ ଏକ ସୁଡ଼ଙ୍ଗ ରାସ୍ତା ମଧ୍ୟ ତିଆରି ହୋଇଛି । ହିନ୍ଦୁ ଧର୍ମଭାବନାର ଅନ୍ୟତମ କେନ୍ଦ୍ର ଭାବେ ପରିଚିତ ପ୍ରସିଦ୍ଧ ବାବା କାଶୀ ବିଶ୍ୱନାଥଙ୍କ ମନ୍ଦିର ନିକଟରେ ଅତି ସମ୍ବେଦନଶୀଳ ଅଞ୍ଚଳରେ ଏଭଳି ବେଆଇନ୍ କାମ ଏତେ ଦିନ ଧରି ଚାଲିଥିଲେ ମଧ୍ୟ କାହାକୁ କିଭଳି ଜଣାପଡ଼ିଲା ନାହିଁ ସେନେଇ ସମସ୍ତେ ଆଶ୍ଚର୍ଯ୍ୟବ୍ୟକ୍ତ କରୁଛନ୍ତି । ପ୍ରଶାସନ ଏହି ନିର୍ମାଣକୁ ଭାଙ୍ଗିବା ପାଇଁ ଏବେ ଅନୁଧ୍ୟାନ ପର୍ଯ୍ୟାୟରେ ରହିଛି । ଅନୁଧ୍ୟାନ ପରେ ରିପୋର୍ଟ ପ୍ରସ୍ତୁତତ ହୋଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି କୁହାଯାଇଛି ।